
ପାଠ - ୧

# କାଗଜ ଖେଳ

ଟିଙ୍ଗୁ ଓ ମିଙ୍ଗୁ କାଗଜ ନେଇ ଖେଳିବା ଆରମ୍ଭ କରିଦେଲେ । କାଗଜକୁ ଭାଙ୍ଗି ସେଥିରେ ଡଙ୍ଗା, ଫଟକା, ଟୋପି, ଟ୍ରେ, ବଲ୍ ପ୍ରଭୃତି ତିଆରି କଲେ । ପ୍ରଥମେ ଟିଙ୍ଗୁ କାଗଜଟିଏ ନେଇ ସେଥିରେ କ'ଣ ତିଆରି କଲା ଦେଖ :-





ଟିଙ୍ଗୁ କାଗଜକୁ ଭାଙ୍ଗି ସେଥିରେ କ'ଣ ତିଆରି କଲା ? ☐


ତୁମେ କାଗଜ ଭାଙ୍ଗି ସେହିଭଳି ତିଆରି କର ।

> **ଶିକ୍ଷକଙ୍କ ପାଇଁ ସୂଚନା :** କାଗଜରେ ଡଙ୍ଗା ତିଆରି ହେବାଭଳି ଫଟକା, ଟୋପି, ଟ୍ରେ, ଉଡ଼ାଜାହାଜ, ବଲ୍ ଇତ୍ୟାଦି ତିଆରି କରିବା ପିଲାଙ୍କୁ ଶିଖାଯିବ।


ଚିତ୍ରରେ ଦିଆଯାଇଥିବା ଭଳି ଖଣ୍ଡେ ଚାରି କୋଣିଆ କାଗଜ ନିଅ । ଏହାର ଗୋଟିଏ କୋଣକୁ ଭାଙ୍ଗିଦିଅ । ଦାଗ ପଡ଼ିଲା ଭଳି ତାକୁ ଖୁବ୍ ଜୋରରେ ଚାପିଦିଅ । କଇଁଚି ସାହାଯ୍ୟରେ ଦାଗ ପଡ଼ିଥିବା ସ୍ଥାନରୁ କାଟିଦିଅ । ମୂଳ କାଗଜରୁ ଅଲଗା ହୋଇଥିବା କାଗଜ ଖଣ୍ଡିକ ଏକ **ତ୍ରିଭୁଜ** ଆକୃତି ।



ଏବେ ଆଉ ଖଣ୍ଡିଏ କାଗଜ ନିଅ ଓ ତାହାକୁ ରଙ୍ଗଦିଅ । କାଗଜକୁ କାଟି ତ୍ରିଭୁଜ ତିଆରି କର ଓ ଏହି ତ୍ରିଭୁଜକୁ ତୁମେ ଖାତା ଉପରେ ଅଠାରେ ଲଗାଅ ।




ଯେଉଁ ଗାରଗୁଡ଼ିକ ଦ୍ୱାରା ତ୍ରିଭୁଜଟି ଗଠିତ, ସେଗୁଡ଼ିକୁ ତ୍ରିଭୁଜର **ବାହୁ** କୁହାଯାଏ ।
ତ୍ରିଭୁଜରେ କେତୋଟି ବାହୁ ଅଛି ?




ଏଠାରେ ଦିଆଯାଇଥିବା ତ୍ରିଭୁଜର ନାମ ହେଉଛି କଖଗ ।
ଏହାର ତିନୋଟି ବାହୁର ନାମ କଖ, ଖଗ ଓ ଗକ ।


**ତଳେ ଦିଆଯାଇଥିବା ପ୍ରତ୍ୟେକ ତ୍ରିଭୁଜ ଓ ତାର ବାହୁମାନଙ୍କର ନାମ ଲେଖ ।**




ତୁମ ଖାତାରେ ଦିଆସିଲିଟିଏ ରଖି ତା ଚାରିପାଖରେ ପେନ୍‌ସିଲ୍‌ରେ ଗାର ଟାଣ । ଦେଖ କିପରି ଚିତ୍ର ପାଉଛ । ଏ ପ୍ରକାରର ଆକୃତିକୁ **ଆୟତଚିତ୍ର** କୁହାଯାଏ । ଏହାର ଭିତର ଅଂଶରେ ରଙ୍ଗ ଦିଅ ।




ଏହାର ଚାରିପାଖକୁ ଚିହ୍ନାଉଥିବା ଗାରକୁ ବାହୁ କୁହାଯାଏ । **ଆୟତଚିତ୍ର**ର କେତୋଟି ବାହୁ ଅଛି ?




ଏହି **ଆୟତଚିତ୍ର**ର ନାମ କଖଗଘ ।
ଏହାର ବାହୁମାନଙ୍କର ନାମ କଖ, ଖଗ, ଗଘ, ଘକ ।


- **ତଳେ ଦିଆଯାଇଥିବା ଆୟତଚିତ୍ରମାନଙ୍କର ନାମ ଲେଖ ।**



ସାଇକେଲ ଭଲ୍‌ବଟ୍ୟୁବରେ, ଦିଆସିଲି କାଠି ବା ଖଡ଼ିକା କାଠିକୁ ଯୋଡ଼ି ତ୍ରିଭୁଜ ତିଆରି କରିହେବ। ତିନୋଟି କାଠି ଓ ତିନୋଟି ଭଲ୍‌ବଟ୍ୟୁବ ବ୍ୟବହାର କରି ଗୋଟିଏ ତ୍ରିଭୁଜ ତିଆରି କର।



ପୂର୍ବରୁ ଦିଆଯାଇଥିବା କଖଗଘ ଆୟତଚିତ୍ରର ବାହୁର ଦୈର୍ଘ୍ୟ ମାପର ଚାରୋଟି କାଠିନେଇ ଆୟତଚିତ୍ର ତିଆରି କର।




- ଚାରୋଟି ସମାନ ମାପର ଦିଆସିଲି କାଠି ନେଇ ଭଲ୍‌ବଟ୍ୟୁବ ଦ୍ୱାରା ଯୋଡ଼ି ନିମ୍ନରେ ଦିଆଯାଇଥିବା ଆକୃତି ତିଆରି କର।




ଏ ପ୍ରକାର ଆକୃତିକୁ ବର୍ଗଚିତ୍ର କୁହାଯାଏ।


**ଆସ, କାଗଜ କାଟି ବର୍ଗଚିତ୍ର ତିଆରି କରିବା ।**




- ଗୋଟିଏ ପୃଷ୍ଠା ଆୟତାକୃତି କାଗଜ ନିଅ।
- ଚିତ୍ରରେ ଦେଖାଯାଇଥିବା ଭଳି ଏହାର କ୍ଷୁଦ୍ରତମ (ସାନ) ପାଖଟିକୁ ବଡ଼ପାଖ ଉପରେ ଭାଙ୍ଗ।
- କାଗଜର ବଳକା ଅଂଶକୁ କଇଁଚି ସାହାଯ୍ୟରେ କାଟିଦିଅ।




- ଏବେ ଭଙ୍ଗାଯାଇଥିବା ଅଂଶକୁ ଖୋଲିଦିଅ।
- ତୁମେ ଗୋଟିଏ ବର୍ଗଚିତ୍ର ପାଇବ।
- ଏହି ବର୍ଗଚିତ୍ରଟିକୁ ରଙ୍ଗ କର।



ତଳେ ଦିଆଯାଇଥିବା ଚିତ୍ର ଦୁଇଟିକୁ ଲକ୍ଷ୍ୟ କର ।



(ଚିତ୍ର - ୧)




(ଚିତ୍ର - ୨)

'କଖଗଘ'କୁ କି ପ୍ରକାର ଚିତ୍ର କୁହାଯିବ ? 'ପଫବଭ'କୁ କି ପ୍ରକାର ଚିତ୍ର କୁହାଯିବ ?

ଉଭୟ ବର୍ଗଚିତ୍ର ଓ ଆୟତଚିତ୍ରର ବାହୁମାନଙ୍କର ଉପରେ ସେହି ମାପର କାଠି ସଜାଡ଼ । ପ୍ରତ୍ୟେକ ଚିତ୍ରର ବାହୁ ମାନଙ୍କର ଦୈର୍ଘ୍ୟରେ କି ସଂପର୍କ ଲକ୍ଷ୍ୟ କରୁଛ ଲେଖ ।


ବର୍ଗଚିତ୍ରର ସମସ୍ତ ବାହୁର ଦୈର୍ଘ୍ୟ ସମାନ ।
ଆୟତଚିତ୍ରର କେବଳ ବିପରୀତ ବାହୁମାନଙ୍କର ଦୈର୍ଘ୍ୟ ସମାନ ।




ଆୟତ ଚିତ୍ରର ଦୁଇଟି ବିପରୀତ ଶୀର୍ଷ (କ ଓ ଗ) କୁ ରେଖାଖଣ୍ଡ ଦ୍ୱାରା ଯୋଡ଼ା ଯାଇଛି । ଅନ୍ୟ ବିପରୀତ ଶୀର୍ଷ ଦୁଇଟିକୁ ଯୋଡ଼ ।

ଏହାଦ୍ୱାରା କଗ ଓ ଖଘ ରେଖାଖଣ୍ଡ ସୃଷ୍ଟି ହେଉଛି । ଏମାନଙ୍କୁ ଆୟତଚିତ୍ରର **କର୍ଣ୍ଣ** କୁହାଯାଏ ।

ତୁମେ ସେହିଭଳି ପାଖ ବର୍ଗଚିତ୍ରରେ କର୍ଣ୍ଣ ଟାଣି ସେମାନଙ୍କର ନାମ ଲେଖ ।






- ଏବେ ତଳ ସାରଣୀରେ ଥିବା ଠିକ୍ ଉତ୍ତରରେ ମୁଣ୍ଡୁଳା ବୁଲାଅ ।


| | ବର୍ଗଚିତ୍ର | ଆୟତ ଚିତ୍ର |
|---|---|---|
| ବାହୁ ସଂଖ୍ୟା | ୨ ୪ ୬ | ୨ ୪ ୬ |
| ଶୀର୍ଷ ସଂଖ୍ୟା | ୩ ୪ ୫ | ୩ ୪ ୫ |
| କର୍ଣ୍ଣ ସଂଖ୍ୟା | ୧ ୨ ୪ | ୧ ୨ ୪ |
| ବିପରୀତ ବାହୁମାନଙ୍କର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |
| ପ୍ରତ୍ୟେକ ବାହୁର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |
| କର୍ଣ୍ଣମାନଙ୍କର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |

# ଅଭ୍ୟାସ


୧. ତଳେ ଦିଆଯାଇଥିବା ଚିତ୍ର ଗୁଡ଼ିକରେ

ତ୍ରିଭୁଜକୁ  ରଙ୍ଗ, ଆୟତଚିତ୍ରକୁ  ରଙ୍ଗ, ବୃତ୍ତକୁ  ରଙ୍ଗ ଓ ବର୍ଗଚିତ୍ରକୁ  ରଙ୍ଗ କର ।







୨. ତଳେ ପ୍ରତ୍ୟେକ ଚିତ୍ରରେ କେତୋଟି ଲେଖାଏଁ ତ୍ରିଭୁଜ ଅଛି ଗଣି କହ ।



୩.   ତଳେ ଦିଆଯାଇଥିବା ଆକୃତିକୁ ଦେଖ । କାଗଜକୁ କାଟି ବିଭିନ୍ନ ଆକାରର ତ୍ରିଭୁଜ ଅଙ୍କନ କରି ଅଠାଦ୍ୱାରା ସଜାଇ ଠିକ୍ ଏହିଭଳି ଆକୃତି ତିଆରି କର ।



୪.   ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଲକ୍ଷ୍ୟ କର ଓ ସେମାନଙ୍କର ଧାରଗୁଡ଼ିକୁ ଦେଖ ।
ଗୁଡ଼ିର ଧାରଗୁଡ଼ିକ ସିଧା, କିନ୍ତୁ ଚକର ଧାର ସିଧା ନୁହେଁ । ଚକର ଧାର ହେଉଛି ବକ୍ର ।




(କ) ତୁମ ଚାରି ପଟରେ ଦେଖୁଥିବା ଜିନିଷ ମଧ୍ୟରୁ କେଉଁମାନଙ୍କର ଧାରଗୁଡ଼ିକ କେବଳ ସିଧା ?

(ଖ) କେବଳ ବକ୍ର ଧାର ଥିବା ତିନୋଟି ଜିନିଷର ନାମ ଲେଖ ।

(ଗ)



— ମୋ ଚିତ୍ରରେ କେଉଁ ପ୍ରକାରର ଧାର ଅଛି ?



(ଘ) ସିଧା ଧାର ଥିବା ଜିନିଷଗୁଡ଼ିକର ନାମ କହ ଓ ଲେଖ ।

(ଙ) କେଉଁ ଜିନିଷ ସବୁରେ ଉଭୟ ସିଧା ଓ ବକ୍ର ଧାର ପାଇବା ?

୫. (କ) ଖଣ୍ଡିଏ ଆୟତଚିତ୍ର ଆକୃତିର କାଗଜ ନିଅ । ଏହାର କେତୋଟି ଶୀର୍ଷ ଅଛି ? ଏହି କାଗଜଟିକୁ ଏପରି ଭାବରେ ଭାଙ୍ଗ, ଯେପରି ତାହାର ତିନୋଟି ଶୀର୍ଷ ରହିବ । ତୁମେ କିପରି ଭାଙ୍ଗିଲ, ତୁମ ସାଙ୍ଗମାନଙ୍କୁ ଦେଖାଅ ।


(ଖ) କାଗଜ କାଟି ପାଞ୍ଚଟି ସିଧା ଧାର ଥିବା ଗୋଟିଏ ଆକୃତି ତିଆରି କର । ଏହାକୁ ତୁମ ଖାତାରେ ଅଠାରେ ଲଗାଅ । ଏହାର କେତୋଟି ଶୀର୍ଷ ରହିବ ?

**୬. ଖାଲି ସ୍ଥାନ ପୂରଣ କର ।**

| ଚିତ୍ର | ଚିତ୍ରର ନାମ | ବାହୁ ସଂଖ୍ୟା | ଶୀର୍ଷ ସଂଖ୍ୟା |
| --- | --- | --- | --- |
|  | ବର୍ଗଚିତ୍ର | | |
|  | | | |
|  | | | |
|  | | | |


୭. ଜ୍ୟାମିତି ବାକ୍ସରେ ଥିବା ସେଟସ୍କୋୟାର ବ୍ୟବହାର କରି, ଖାତାରେ ତ୍ରିଭୁଜ ଅଙ୍କନ କର ।

## ଟ୍ୟାନ୍‌ଗ୍ରାମ୍‌ରୁ ଚିତ୍ର





ଉପରେ ଦିଆଯାଇଥିବା ଚିତ୍ରକୁ ଲକ୍ଷ୍ୟକର । ଏହା ଏକ ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନଗ୍ରାମ୍ । ଚୀନ ଦେଶରେ ଏହାକୁ ପ୍ରଥମେ ବ୍ୟବହାର କରି ବିଭିନ୍ନ ଚିତ୍ର ତିଆରି କରୁଥିଲେ । ତୁମେ ଖଣ୍ଡିଏ ବର୍ଗଚିତ୍ର ଆକୃତିର କାଗଜ ନେଇ ତାକୁ (ଉପର ଚିତ୍ରରେ ଦେଖାଯାଇଥିବା ଭଳି) କାଟି ପାଞ୍ଚଖଣ୍ଡ କର । ସେଗୁଡ଼ିକୁ ୧ , ୨ , ୩ , ୪ , ୫ ନାମ ଦିଅ ।

- ଏହି ପାଞ୍ଚ ଖଣ୍ଡ ମଧ୍ୟରୁ କେଉଁ ଦୁଇଟି ଖଣ୍ଡ ପୂରାପୂରି ସମାନ ?
- ଏହି ପାଞ୍ଚ ଖଣ୍ଡ ମଧ୍ୟରେ କେତୋଟି ତ୍ରିଭୁଜ ଓ କେତୋଟି ବର୍ଗଚିତ୍ର ଅଛି ?
- ଏହି ପାଞ୍ଚ ଖଣ୍ଡ ବ୍ୟବହାର କରି ନିମ୍ନ ଚିତ୍ରଗୁଡ଼ିକୁ ତିଆରି କର ।



ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ଭଳି ତୁମେ ମଧ୍ୟ ସାତ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ତିଆରି କରିପାରିବ ।




ତୁମେ ବର୍ଗାକୃତି କାଗଜ ଖଣ୍ଡିଏ ନେଇ ଚିତ୍ରରେ ଦେଖାଯାଇଥିବା ଭଳି କାଟି ତାହାକୁ ସାତଖଣ୍ଡ କରି ୧,୨,୩,୪,୫,୬,୭ ନାମ ଦିଅ ।

- ସାତ ଖଣ୍ଡ ମଧ୍ୟରେ କେତୋଟି ତ୍ରିଭୁଜ ଅଛି ?
- କେବଳ ତ୍ରିଭୁଜକୁ ବ୍ୟବହାର କରି ନିମ୍ନ ଆକୃତି ତିଆରି କରିବାକୁ ଚେଷ୍ଟାକର ।




- କେବଳ ୨,୩ ଓ ୫ ନମ୍ବର ଖଣ୍ଡକୁ ବ୍ୟବହାର କରି ଆୟତଚିତ୍ରଟିଏ ତିଆରି କର ।
- ୧,୨,୩,୪ ଓ ୫ ନମ୍ବର ଖଣ୍ଡକୁ ବ୍ୟବହାର କରି ବର୍ଗଚିତ୍ରଟିଏ ତିଆରି କର । ଟ୍ୟାନଗ୍ରାମ୍‌ର ସାତଟି ଖଣ୍ଡ ମଧ୍ୟରୁ ଆବଶ୍ୟକ ଖଣ୍ଡଗୁଡ଼ିକୁ ନେଇ ନିମ୍ନଲିଖିତ ଆକୃତିଗୁଡ଼ିକ ତିଆରି କରିବାକୁ ଚେଷ୍ଟାକର -



- ପୂର୍ବ ପୃଷ୍ଠାରେ ଦିଆଯାଇଥିବା ଆକୃତିଗୁଡ଼ିକ ବ୍ୟତୀତ ଟ୍ୟାନଗ୍ରାମ୍‌ର ସାତଟିଯାକ ଖଣ୍ଡକୁ ଯୋଡ଼ି ଅନ୍ୟ ଆକୃତି ପ୍ରସ୍ତୁତ କର ।

## ବିନ୍ଦୁରୁ ଚିତ୍ର




କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଧିକାର ଘର । ସେ ତୃତୀୟ ଶ୍ରେଣୀରେ ପଢ଼େ । ସକାଳୁ ଉଠି ଘର ଅଗଣାରେ ମୁରୁଜ ପକାଇବା ତାର ପ୍ରିୟ କାମ । ରାଧିକା କିପରି ମୁରୁଜ ପକାଉଛି ଲକ୍ଷ୍ୟକର ।




ତୁମ ଘରେ ବା ସାଙ୍ଗସାଥୀମାନଙ୍କ ଘରେ ଏହି ଭଳି ମୁରୁଜ ଚିତା ବା ଝୋଟି ଚିତା ହେଉଥିବାର ଦେଖିଥିବ ।

ସେହିଭଳି କିଛି ଚିତା ତୁମ ଖାତାରେ ତିଆରି କର ।


ନିମ୍ନରେ ବିନ୍ଦୁମାନଙ୍କର ଏକ ଗ୍ରୀଡ଼ରେ କେତେକ ପ୍ରତିରୂପ ଅଙ୍କନ କରାଯାଇଛି । ତୁମେ ସେଗୁଡ଼ିକୁ ଲକ୍ଷ୍ୟ କର । ଡାହାଣପଟେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ଠିକ୍ ସେହିଭଳି ଚିତ୍ର ଅଙ୍କନ କର ।





# ଅଭ୍ୟାସ


୧. ବିନ୍ଦୁ ଗ୍ରୀଡ଼କୁ ବ୍ୟବହାର କରି ଦୁଇ ପ୍ରକାରର ଚିତ୍ର କରାଯାଇଛି । ତୁମେ ଆଉ ତିନି ପ୍ରକାରର ଚିତ୍ର ଅଙ୍କନ କର ।



୨. ତଳେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼କୁ ବ୍ୟବହାର କରି ସେଥିରେ ତ୍ରିଭୁଜ, ବର୍ଗଚିତ୍ର ଓ ଆୟତଚିତ୍ର ଅଙ୍କନକର ।




୩. ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ପେନ୍ସିଲ୍, ଗ୍ଲାସ୍, ଗଛ ଓ ମାଛ ଚିତ୍ର ଅଙ୍କନ କର ।






୪. ତଳେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ବର୍ଗଚିତ୍ର ଓ ଆୟତଚିତ୍ରଗୁଡ଼ିକୁ ସଂପୂର୍ଣ୍ଣ କର ।



୫. ତଳ ବିନ୍ଦୁ ଗ୍ରୀଡ଼ରେ ତୁମ ମନରୁ ଯେ କୌଣସି ଦୁଇଟି ଡିଜାଇନ ପ୍ରସ୍ତୁତ କର ।

